କର୍ଣ୍ଣେଲ ସିଂହ

ବନାମ

ପଞ୍ଜାବ ରାଜ୍ୟ ଏବଂ ଅନ୍ୟଜଣେ

ସେପ୍ଟେମ୍ବର 6, 1994

[କେ. ରାମସ୍ୱାମୀ ଏବଂ ଏନ. ଭେଙ୍କଟଚଲା, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ- ମୁଖ୍ୟ କନଷ୍ଟେବଳ- ପଦୋନ୍ନତି- ପ୍ରତ୍ୟାବର୍ତ୍ତନ- କନିଷ୍ଠମାନଙ୍କର ପଦୋନ୍ନତି- ବୈଧତା ।*

**ଆବେଦନକାରୀ-ମୁଖ୍ୟ କନଷ୍ଟେବଳମାନେ ମଧ୍ୟବର୍ତ୍ତୀକାଳୀନ ତାଲିମ ନେଇଥିଲେ ଏବଂ ସେମାନଙ୍କୁ 'G' ତାଲିକାରେ ରଖାଯାଇଥିଲା ଏବଂ ଉପ-ନିରୀକ୍ଷକ ଭାବେ ପଦୋନ୍ନତି ଦିଆଯାଇଥିଲା । 1984 ରେ ସେମାନଙ୍କୁ ଉଚ୍ଚ ବିଦ୍ୟାଳୟ ପାଠ୍ୟକ୍ରମ ପ୍ରଶିକ୍ଷଣ ପାଇଁ ଚୟନ କରାଯାଇଥିଲା । ତେବେ ତାଲିମ ଶେଷ ହେବା ପରେ ସେମାନଙ୍କୁ 'E' ତାଲିକାରେ ସାମିଲ କରାଯାଇନଥିଲା ଏବଂ ପଦୋନ୍ନତି ପରିବର୍ତ୍ତେ ସେମାନଙ୍କୁ ହେଡ଼ କନେଷ୍ଟବଳ ଭାବେ ପୁନଃ ପ୍ରତ୍ୟାବର୍ତ୍ତନ କରାଯାଇଥିବା ବେଳେ ସେମାନଙ୍କର କନିଷ୍ଠମାନଙ୍କୁ କାମଚଳା ଆଧାରରେ ପଦୋନ୍ନତି ଦିଆଯାଇଥିଲା । ସେମାନେ ଉଚ୍ଚ ନ୍ୟାୟାଳୟରେ ରିଟ ଆବେଦନ ଦାଖଲ କରିଥିଲେ ଯାହା ଖାରଜ ହୋଇଯାଇଥିଲା ।**

**ଏହି ନ୍ୟାୟାଳୟକୁ ଆବେଦନରେ, ରାଜ୍ୟ ତରଫରୁ ଏହା ଯୁକ୍ତି କରାଯାଇଥିଲା ଯେ ନିକୃଷ୍ଟ ସେବା ସମ୍ପର୍କିତ ଲିଖିତ ବିବରଣ ଏବଂ ପ୍ରତିକୂଳ ଗୋପନୀୟ ବିବରଣୀ ହେତୁ ଆବେଦନକାରୀମାନଙ୍କୁ ପଦୋନ୍ନତି ପ୍ରତ୍ୟାଖ୍ୟାନ କରାଯାଇଥିଲା ।**

**ଆବେଦନକୁ ଅନୁମତି ଦେଇ, ଏହି ନ୍ୟାୟାଳୟ**

**କହିଲେ: 1 ଯେତେବେଳେ ଆବେଦନକାରୀମାନେ ଅନ୍ୟ ଦୁଇ ଜଣ ହେଡ୍ କନେଷ୍ଟବଳଙ୍କ ଭଳି ସମାନ ସ୍ଥିତିରେ ଅଛନ୍ତି ଏବଂ ସେମାନଙ୍କଠାରୁ ବରିଷ୍ଠ ଥିଲେ, ସେମାନେ ମଧ୍ୟ ଅନୁରୂପ ବ୍ୟବହାର ପାଇବା ଉଚିତ, କିନ୍ତୁ ତାହା ପୂରଣ ହୋଇନଥିଲା । ଏପରିକି ସେମାନଙ୍କର ପ୍ରତିକୂଳ ମନ୍ତବ୍ୟ ଥିଲା ବୋଲି ଧରି ନେଇ, ସ୍ୱୀକାରଯୋଗ୍ୟ ଭାବରେ କୌଣସି ତଦନ୍ତ କରାଯାଇନଥିଲା, ତଦନ୍ତ କରିବା ପରେ ଏବଂ ଆବେଦନକାରୀଙ୍କୁ ସୁଯୋଗ ଦେବା ପରେ କୌଣସି ନିଷ୍କର୍ଷ ଦିଆଯାଇନଥିଲା । ତେଣୁ, ହେଡ଼-କନଷ୍ଟେବଳ ଭାବେ ସେମାନଙ୍କର ପ୍ରତ୍ୟାବର୍ତ୍ତନ ସ୍ପଷ୍ଟ ଭାବେ ବେଆଇନ । ଯଦିଓ ପରବର୍ତ୍ତୀ କାଳରେ ସେମାନଙ୍କୁ ପଦୋନ୍ନତି ଦିଆଯାଇଛି, ତଥାପି ସେମାନଙ୍କୁ ସମସ୍ତ ଆନୁଷଙ୍ଗିକ ସୁବିଧା ସହିତ କନିଷ୍ଠମାନଙ୍କ ସହ ଅନୁରୂପ ଭାବେ ପଦୋନ୍ନତି ଦିଆଯାଇଛି ବୋଲି ବିବେଚନା କରାଯିବା ଆବଶ୍ୟକ ।**

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 297-98/1987 ।

ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର ସି.ଡବ୍ଲ୍ୟୁ.ପି. ସଂଖ୍ୟା 2719 ଏବଂ 2676 /1986 ରେ ତା 13.8.86 ରିଖର ରାୟ ତଥା ଆଦେଶରୁ

ଆବେଦନକାରୀଙ୍କ ପକ୍ଷରୁ ଏସ. କେ. ବଗ୍ଗା, ସିରାଜ ବଗ୍ଗା ଏବଂ ତନୁଜ ବଗ୍ଗା ଅଧିବକ୍ତାଗଣ ।

ପ୍ରତିବାଦୀମାନଙ୍କ ପକ୍ଷରୁ ଜି. କେ. ବଂଶଲ ଏବଂ ଆର. ଯାଦବ ।

ନ୍ୟାୟାଳୟଙ୍କ ଦ୍ୱାରା ପ୍ରଦତ୍ତ ନିମ୍ନଲିଖିତ ଆଦେଶ:

ଉଭୟ ଆବେଦନର ଏକ ସାଧାରଣ ରାୟ ଦ୍ୱାରା ଫଏସଲା କରାଯାଇଛି କାରଣ ନ୍ୟାୟ ବିଚାର ପାଇଁ ଏକ ସମାନ ପ୍ରସଙ୍ଗ ସମ୍ପୃକ୍ତ ଅଛି । ଦେୱାନୀ ରିଟ ଆବେଦନ ସଂଖ୍ୟା 2636/86 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ଖଣ୍ଡପୀଠର ତା 13 ଅଗଷ୍ଟ, 1986 ରିଖ ଆଦେଶ ତଥା ଦେୱାନୀ ରିଟ ଆବେଦନ ସଂଖ୍ୟା 2719/86 ରେ ରାୟରୁ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନଗୁଡ଼ିକ ଆଗତ ହୋଇଛି । ସ୍ୱୀକାରଯୋଗ୍ୟ ରୂପେ ଆବେଦନକାରୀମାନେ ମୁଖ୍ୟ-କନେଷ୍ଟବଳ ଭାବେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଥିଲେ । 1976 ରେ ସେମାନଙ୍କୁ ମଧ୍ୟବର୍ତ୍ତୀ ପାଠ୍ୟକ୍ରମ ତାଲିମ ପାଇଁ ପଠାଯାଇଥିଲା ଏବଂ ସେମାନଙ୍କୁ 'G' ତାଲିକାରେ ରଖାଯାଇଥିଲା ଏବଂ ତା 1 ମେ 1981 ରିଖରେ ସେମାନଙ୍କୁ ଅସ୍ଥାୟୀ ଭାବେ କାର୍ଯ୍ୟନିର୍ବାହୀ ଉପ-ନିରୀକ୍ଷକ ଭାବେ ପଦୋନ୍ନତି ଦିଆଯାଇଥିଲା । ଏହାପରେ ତା 1 ଏପ୍ରିଲ 1994 ରିଖରେ ଜୁଲୁନ୍ଧୁର ଜିଲ୍ଲା ଫିଲ୍ଲାଉସ୍ଥିତ ପୋଲିସ ତାଲିମ ମହାବିଦ୍ୟାଳୟରେ ବିଦ୍ୟାଳୟ ପାଠ୍ୟକ୍ରମ ତାଲିମ ପାଇଁ ସେମାନଙ୍କୁ ଚୟନ କରାଯାଇଥିଲା । ତାଲିମ ଶେଷ ହେବା ପରେ ସେମାନଙ୍କୁ ନିରୀକ୍ଷକ ଭାବେ ପଦୋନ୍ନତି ଦେବା ପରିବର୍ତ୍ତେ ହେଡ୍-କନେଷ୍ଟବଳ ଭାବେ ଫେରାଇ ଦିଆଯାଇଥିଲା । ପୂର୍ବରୁ କୁହାଯାଇଥିବା ଭଳି ସେମାନେ ରିଟ ଆବେଦନ ଦାଖଲ କରିଥିଲେ ଏବଂ ଉଚ୍ଚ ନ୍ୟାୟାଳୟ ରିଟ ଆବେଦନକୁ ଖାରଜ କରିଦେଇଥିଲେ ।

ଏହା ରିଟ ଆବେଦନର ପୃଷ୍ଠାରେ ଥିବା କାର୍ଯ୍ୟପଞ୍ଜା ସଂଲଗ୍ନକ-P ରୁ ପରିଦୃଶ୍ୟ ।

କାଗଜ ପୁସ୍ତକର ପୃଷ୍ଠା 32 ରେ ଥିବା ସଂଲଗ୍ନକ-P ରୁ ଏହା ପରିଦୃଶ୍ୟ ଯେ ଆବେଦନକାରୀମାନଙ୍କୁ ନିରୀକ୍ଷକ ଭାବରେ ପଦୋନ୍ନତି ଦିଆଯାଇନଥିଲା । ଯଦିଓ ଆବେଦନକାରୀମାନେ ଅଗଷ୍ଟ, 1984 ରେ ଶେଷ ହୋଇଥିବା ଉଚ୍ଚ ବିଦ୍ୟାଳୟ ପାଠ୍ୟକ୍ରମ ସମାପ୍ତ କରିଛନ୍ତି, ତଥାପି ସେମାନଙ୍କର ଘଟଣାବହୁଳ ସେବା ଲିଖିତ ବିବରଣ ଯୋଗୁଁ ସେମାନଙ୍କୁ ଅଣଦେଖା କରାଯାଇଛି ଏବଂ E ତାଲିକାରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ । ଯଦିଓ ମୋଟା ସିଂ ଏବଂ କର୍ଣ୍ଣେଲ ସିଂଙ୍କୁ ସେହି ବର୍ଗରେ ଶ୍ରେଣୀଭୁକ୍ତ କରାଯାଇଛି, ସେହି ସମ ଆଦେଶର ପରିଚ୍ଛେଦ 4 ରେ ସେମାନଙ୍କୁ ଅକ୍ଟୋବର 4, 1984 ରୁ କାମଚଳା ଆଧାରରେ ପଦୋନ୍ନତି ଦିଆଯାଇଛି । ଆଦେଶରେ ଉଲ୍ଲେଖିତ ବରିଷ୍ଠତାକ୍ରମରେ ମୋଟା ସିଂହ, ହେଡ୍ କନେଷ୍ଟବଳ ସଂଖ୍ୟା 80/119 ଏବଂ କର୍ଣ୍ଣେଲ ସିଂହ ହେଡ୍ କନେଷ୍ଟବଳ 82/22 ସ୍ୱୀକାରଯୋଗ୍ୟ ରୂପେ, ଆବେଦନକାରୀଙ୍କ ଠାରୁ କନିଷ୍ଠ ଅଟନ୍ତି । ଯେତେବେଳେ ଆବେଦନକାରୀମାନେ ମୋଟା ସିଂହ ଏବଂ କର୍ଣ୍ଣେଲ ସିଂହ ଏବଂ ସେମାନଙ୍କ ବରିଷ୍ଠ ବ୍ୟକ୍ତିଙ୍କ ଭଳି ସମରୂପେ ସ୍ଥିତ, ସେତେବେଳେ ସେମାନଙ୍କୁ ମଧ୍ୟ ଅନୁରୂପ ବ୍ୟବହାର ମିଳିବା ଉଚିତ । ଦୁର୍ଭାଗ୍ୟବଶତଃ, ତାହା ପୂରଣ ହୋଇଥିଲା: ରାଜ୍ୟ ତରଫରୁ ଏହା ଦାବି କରିବାକୁ ଚେଷ୍ଟା କରାଯାଇଛି ଯେ ନିକୃଷ୍ଟ ଲିଖିତ ବିବରଣ ଏବଂ ପ୍ରତିକୂଳ ଗୋପନୀୟ ବିବରଣୀ ହେତୁ ସେମାନଙ୍କୁ ପଦୋନ୍ନତି ଦିଆଯାଇନାହିଁ । ସେମାନଙ୍କର ପ୍ରତିକୂଳ ମନ୍ତବ୍ୟ ଥିଲା ବୋଲି ଧରି ନେବା ସତ୍ତ୍ୱେ, ସ୍ୱୀକାରଯୋଗ୍ୟ ଭାବରେ କୌଣସି ତଦନ୍ତ କରାଯାଇନଥିଲା, ତଦନ୍ତ କରିବା ପରେ ଏବଂ ଆବେଦନକାରୀଙ୍କୁ ସୁଯୋଗ ଦେବା ପରେ କୌଣସି ନିଷ୍କର୍ଷ ଦିଆଯାଇନଥିଲା । ତେଣୁ, ସେମାନଙ୍କୁ ହେଡ୍-କନେଷ୍ଟବଳ ଭାବେ ପ୍ରତ୍ୟାବର୍ତ୍ତନ କରେଇବା ସ୍ପଷ୍ଟ ଭାବେ ବେଆଇନ । ଯଦିଓ ସେମାନଙ୍କୁ ପରବର୍ତ୍ତୀ କାଳରେ ସମୟରେ ଯଥାକ୍ରମେ 1987-88 ରେ

ପଦୋନ୍ନତି ଦିଆଯାଇଛି, ତଥାପି ସେମାନଙ୍କୁ 8 ଅକ୍ଟୋବର, 1984 ଠାରୁ କନିଷ୍ଠମାନଙ୍କ ସହିତ ସମରୂପେ ପଦୋନ୍ନତି ଦିଆଯାଇଛି ବୋଲି ବିବେଚନା କରାଯିବା ଆବଶ୍ୟକ । ଆବେଦନକାରୀମାନେ ସେହି ଅନୁଯାୟୀ ଉପରୋକ୍ତ ଘୋଷଣା ଏବଂ ପରିଣାମମୂଳକ ସୁବିଧା ପାଇବାକୁ ହକଦାର ଅଟନ୍ତି । ଆବେଦନଗୁଡ଼ିକୁ ଅନୁମତି ଦିଆଯାଉଛି ଏବଂ ଆଜ୍ଞାଦେଶ ଜାରି କରାଯାଉଛି । କୌଣସି ବାବଦ ଖର୍ଚ୍ଚ ନାହିଁ ।

ଟି.ଏନ.ଏ.

ଆବେଦନକୁ ଅନୁମତି ଦିଆଯାଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**